# Akashvani, Sambalpur

## SAMBALPURI NEWS EVENING BULLETIN

## 29 October 2025- 7.02 pm- 7.12 pm.

*********************************************

୧- ଭାରତ୍ ବୈଶ୍ୱିକ ରଣନୀତି, ଶାନ୍ତି ଆଉ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିର୍ ପ୍ରତୀକ୍ ଆଏ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଦୁର୍ବଲ୍ ହେଇକରି ଗଭୀର ଅବପାତ ହେଲା ସାମୁଦ୍ରିକ ଝଡ଼୍ ମୋନ୍ଥା ।

୩- ମୁଖ୍ୟମନ୍ତ୍ରୀଙ୍କୁ ଭେଟ୍‌ଲେ ଜାତୀୟ ପଛୁଆ ବର୍ଗ କମିଶନ୍ ଅଧ୍ୟକ୍ଷ ।

- ପଛୁଆ ବର୍ଗଙ୍କର୍ ବିକାଶ୍ ବାବ୍‌ଦେ କଲେ ଆଲୋଚନା ।

୪- ଭୁବ୍‌ନେଶ୍ୱର୍ ନ ଆଏବା ଶନିବାର୍‌ଠାନୁ ମୁଲ୍ ହେବା ସୁଭଦ୍ରା ଶକ୍ତି ମେଳା ।

ଆଉର୍

୫- ଯୁକ୍ତ ଦୁଇ ଫର୍ମ ପୂରଣ୍ ସମିଆ ଆଏବା ମାସର୍ ୩ ତାରିଖ୍‌ତକ୍ ବଢ଼୍‌ଲା ।

ପ୍ରଧାନ୍‌ମନ୍ତ୍ରୀ- ସାମୁଦ୍ରିକ ସପ୍ତାହ          ଆର୍‌ଏନ୍‌ୟୁ/ କଟକ୍

ଭାରତ୍‌ର ସାମୁଦ୍ରିକ କ୍ଷେତ୍ର ଆହୁରି ବର୍‌କସ୍ ହେଇକରି ଜୋର୍‌ରେ ଆଗ୍‌କେ ବଢୁଛେ । ପୁର୍‌ଥି ନ ଦେଖାଦେଇଥିବା ଉତେଜନା ଭିତ୍‌ରେ ଭାରତ୍‌ର ବୈଶ୍ୱିକ ରଣନୀତି, ସ୍ୱାୟତତା, ଶାନ୍ତି ଆଉ ଅନ୍ତର୍ଭୁକ୍ତିମୂଳକ୍ ଅଭିବୃଦ୍ଧିର ପ୍ରତୀକ୍ ଭାବେ ଉଭା ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ମୁମ୍ବାଇ ଠାନେ ଚାଲିଥିବା ଭାରତ୍ ସାମୁଦ୍ରିକ ସପ୍ତାହ ୨୦୨୫ ଥି ଶ୍ରୀ ମୋଦୀ ଉଦ୍‌ବୋଧନ୍ ଦେଇକରି କହିଛନ୍, ଭାରତ୍ ଜାହାଜ୍ ତିଆରି କ୍ଷେତ୍ରଥି ନୂଆଁ ଶିଘାକେ ପୁହୁଁଚିବାର୍ ଲାଗି ଚେରେଷ୍ଟା ଚଲେଇଛେ । ଏଛନିର୍ ସମିଆଥି ଜାହାଜ୍ ଚଲାଚଲ୍ କ୍ଷେତ୍ରଥି କାର୍ଯ୍ୟ ପରିସର୍‌କେ ବଢ଼ାବାର୍ ଠିକ୍ ସମିଆ ଆସିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ ଇ ଅବ୍‌ସରେ ୨ ଲାଖ୍ ୨୦ ହଜାର୍ କୋଟି ଟଙ୍କାର୍ ରୂପାନ୍ତରକାରୀ ପଦକ୍ଷେପ୍ ମାନ୍‌କର୍ ଶୁଭାରମ୍ଭ କରିଛନ୍ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ମୁମ୍ବାଇର ନେସ୍କୋ ପ୍ରଦର୍ଶନୀ କେନ୍ଦ୍ର ନ ହେଇଥିବା ପ୍ରଦର୍ଶନୀର୍ ସମୀକ୍ଷା କରିଛନ୍ । ଆଏବା ଶୁକ୍ରବାର୍‌ତକ୍ ଚାଲ୍‌ବାର୍‌କେ ଥିବା ଇ ସମ୍ମିଳନୀ ସାମୁଦ୍ରିକ କ୍ଷେତ୍ରଥି ସହଯୋଗ୍ କର୍‌ବାର୍ ଲାଗି ଗୁଟେ ମଚାନ୍ ଦେଇଛେ ।

ବାତ୍ୟା- ସୁରେଶ ପୂଜାରୀ          ହି.ସ./ଏକ୍ସ

ବାତ୍ୟା ମୋନ୍ଥା ସ୍ଥଲ୍‌ଭାଗ୍ ଛୁଇଁବାର୍ ଉତ୍‌ରୁ ଦୁର୍ବଲ୍ ହେଇକରି ଗଭୀର ଅବପାତଥି ବଦ୍‌ଲିଛେ । ରାଏଜେ ବାତ୍ୟା ମୋନ୍ଥାର୍ ପ୍ରଭାବ୍ ଜହ ନାଇଁ ପଡ଼ିଥିଲେ ଭିଲ୍ ଇଟା କେତେଟା ଜିଲ୍ଲାକେ ଆଂଶିକ୍ ପ୍ରଭାବିତ୍ କରିଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ବାତ୍ୟା ଉତ୍‌ରର୍ ଥିତିର୍ ସମୀକ୍ଷା କରିକରି ଶ୍ରୀ ପୂଜାରୀ କହିଛନ୍, ମୋନ୍ଥାଥି ୩୩ ଟା ବ୍ଲକ୍ ଆଉ ୧୧ ଟା ସହର୍ ଇଲାକା ପ୍ରଭାବିତ୍ ହେଇଛେ । ୫୬ ଟା ବ୍ଲକ୍ ନ ୫୦ ମିଲିମିଟର୍‌ନୁ ଅଏତ୍‌କା ବର୍ଷା ରେକର୍ଡ୍ କରାଯାଇଛେ । ଗଜପତି ଜିଲ୍ଲାର୍ ଗୋସାଣି, ନୂଆଁଗାଁ ବ୍ଲକ୍ ନ ସବୁନୁ ଜହ ଶହେ ୫୦ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ । ଶହେ ୬୧ ଟା ବାତ୍ୟା ଆଶ୍ରୟସ୍ଥଲୀ ନ ପାଖାପାଖି ୧୯ ହଜାର୍ ଲୁକ୍‌କୁ ରଖାଯାଇଥିଲା । ଇହାଦେ ୧୮ ହଜାର୍ ଲୁକ୍‌କୁ ରନ୍ଧା ଖାଏବାର୍ ଦରବ୍ ଦିଆଯାଉଛେ । ଆଏବା କାଏଲ୍‌ଠାନୁ ପ୍ରଭାବିତ୍ ଇଲାକାମାନ୍‌କେ ଫସଲ୍ ନୁକ୍‌ସାନ୍‌ର ଆକଲନ୍ କରାଯିବାରକେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ ପୂଜାରୀ)

ଜାତୀୟ ପଛୁଆ ବର୍ଗ କମିଶନ୍ ଅଧ୍ୟକ୍ଷ     ଭୁବନେଶ୍ୱର୍

ସମ୍ବାଦଦାତା

ଓଡ଼ିଶା ଗସ୍ତଥି ଆସିଥିବା ଜାତୀୟ ପଛୁଆ ବର୍ଗ କମିଶନ୍ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ୍ ଅହିର୍ ଆଏଜ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀଙ୍କର୍ ସଙ୍ଗେ ଶ୍ରୀ ଅହିର୍ ପଛୁଆବର୍ଗଙ୍କର୍ ବିକାଶ୍ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗଥି ଆଲୋଚନା କରିଛନ୍ । ସେନ୍ତା ଭୁବ୍ନେଶ୍ୱର୍ ରାଜ୍ୟ ଅତିଥି ଭବନ୍ ନ ଶ୍ରୀ ଅହିର୍ ଭିନ୍ ଭିନ୍ ଜାତି ବର୍ଗ, ସଂଗଠନ୍ ଠାନୁ ସେମାନ୍କର୍ ଦାବି ଶୁନ୍ବାର୍ ସହେତେ ତଥ୍ୟ ଭିତିକ୍ କାଗଜ୍ପତର୍ ଗ୍ରହଣ୍ କରିଛନ୍ । କାର୍ଯ୍ୟକ୍ରମ୍ଥି ଶ୍ରୀ ଅହର୍ଙ୍କର୍ ସଙ୍ଗେ କମିଶନ୍ ସଦସ୍ୟ, ସଚିବ ଆଉ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଆଇସିୟୁ ମାର୍ଗଦର୍ଶିକା ସମ୍ମିଳନୀ     I&PR

ରାଏଜେ ଡାକ୍ତର୍ଖାନାମାନ୍କେ ଆଇସିୟୁ ଆଉ କ୍ରିଟିକାଲ୍ କେୟାର୍ ୟୁନିଟ୍ ଲାଗି ମାର୍ଗଦର୍ଶିକା ଆନ୍ବାର୍କେ ଆଏଜ୍ ଭୁବ୍ନେଶ୍ୱର୍ ଭାରତୀୟ ମେଡ଼ିକାଲ୍ ସଂଘ ସଭାଗୃହ ନ ଗୁଟେ ରାଜ୍ୟସ୍ତରୀୟ ସମ୍ମିଳନୀ ହେଇଯାଇଛେ । ସ୍ୱାସ୍ଥ୍ୟ

ବିଭାଗ୍‌ର ସଚିବ ଅଶ୍ୱତୀ ଏସ୍. ସମ୍ମିଲନୀଥି ଯୋଗ୍ ଦେଇକରି ଟିମ୍ ଓ୍ୱାର୍କ, ଦକ୍ଷତା ବୃଦ୍ଧି, ଉନ୍ନତି ଆଉ ସମ୍ପୂର୍ଣ୍ଣ ଚିକିତ୍ସା ପଦ୍ଧତି, ରୋଗୀସେବା ଠିକ୍ ଭାବେ ଯୁଗେଇ ଦେବାର୍ ସହେତେ ରାଏଜେ ଉତମ୍ ସ୍ୱାସ୍ଥ୍ୟ ପରିବେଶ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ମାର୍ଗଦର୍ଶିକା ବନାବାର୍‌କେ କହିଥିଲେ । ଇ ବାବ୍‌ଦେ ତିଆର୍ ହେଇଥିବା ରାଜ୍ୟର୍ ଚିଠା ନିର୍ଦ୍ଦେଶାବଳୀ ସୁପ୍ରିମ୍‌କୋର୍ଟଙ୍କର୍ ଠାନେ ଦାଖଲ୍ କରାଯିବା । ତାର୍ ଉତ୍‌ରୁ ଚୂଡ଼ାନ୍ତ ନିର୍ଦ୍ଦେଶାବଳୀ ତିଆର୍ ହେବା ।

ଇସିଆଇ ହେଲ୍ପ ଲାଇନ୍ ନମ୍ବର୍      ପିଆଇବି

ନାଗରିକ ମାନ୍‌କର୍ ନିର୍ବାଚନ୍, ନୂଆଁ ଭୋଟର୍ ପଞ୍ଜିକରଣ୍ ସହେତେ ଭିନ୍ ଭିନ୍ ପ୍ରଶ୍ନ ଆଉ ଅଭିଯୋଗ୍‌ର ସମାଧାନ୍ ଲାଗି ଭାରତୀୟ ନିର୍ବାଚନ୍ ଆୟୋଗ୍- ଇସିଆଇଙ୍କର୍ ତର୍‌ଫୁ ଜାତୀୟ ଭୋଟର୍ ହେଲ୍ପ ଲାଇନ୍ ନମ୍ବର୍ ବ୍ୟବସ୍ଥା କରାଯାଇଛେ । ଇତାର୍ ସହେତେ ୩୬ ଟା ରାଜ୍ୟ ଆଉ ଜିଲ୍ଲାସ୍ତରୀୟ ହେଲ୍ପଲାଇନ୍ ବ୍ୟବସ୍ଥାକେ ଭିଲ୍ ସକ୍ରିୟ କରାଯାଇଛେ । ଜାତୀୟ ଯୋଗାଯୋଗ କେନ୍ଦ୍ର ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଲାଗି କେନ୍ଦ୍ରୀୟ ହେଲ୍ପ ଲାଇନ୍ ନମ୍ବର୍ ଭାବେ କାମ୍ କର୍‌ବା । ଫି' ଦିନ ସଖାଲର୍ ୮ ନୁ ରାତିର୍ ୮ ବଜେତକ୍ ଟୋଲ୍ ଫ୍ରି ନମ୍ବର୍ ୧୮୦୦ - ୧୧ -

୧୯୫୦ ଜରିଏ ଲୁକେ ନିଜର୍ ପ୍ରଶ୍ନ ଆଉ ଅଭିଯୋଗ୍ ଦାଖଲ୍ କରିପାର୍‌ବେ । ଇତାର୍ ସହେତେ ଆୟୋଗ୍ ତର୍‌ଫୁ 'ବୁକ୍-ଏ-କଲ୍ ୱିଥ୍ ବିଏଲ୍‌ଓ' ସୁବିଧା ଭିଲ୍ ମୁଲ୍ କରାଯାଇଛେ । ଇତାର୍ ଜରିଏ ଲୁକେ ସିଧାସଲଖ୍ ବୁଥ୍‌ସ୍ତରୀୟ ଅଧିକାରୀମାନ୍‌କୁ ଯୋଗାଯୋଗ୍ କରିକରି ଇସିଆଇ ନେଟ୍ ପ୍ଲାଟ୍‌ଫର୍ମଥି ଥିବା ବ୍ୟବସ୍ଥା ବାବ୍‌ଦେ ଜାନିପାର୍‌ବେ ।

## ସୁଭଦ୍ରା ଶକ୍ତି ମେଲା I&PR

ଓଡ଼ିଶାର୍ ମହିଲା ଉଦ୍ୟୋଗୀ ଆଉ ସାଂସ୍କୃତିକ ପରମ୍ପରା କାର୍ଯ୍ୟକ୍ରମ୍ - ସୁଭଦ୍ରା ଶକ୍ତି ମେଲା ଆଏବା ମାସ ୧ ତାରିଖ୍‌ନୁ ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ମୁଲ୍ ହେବା । ରାଜ୍ୟ ସର୍‌କାର୍‌ଙ୍କର୍ ମହିଳା ନେତୃତ୍ୱାଧୀନ୍ ବିକାଶ୍ ଦିଗେ କାମ୍ କରୁଥିବା ଲକ୍ଷପତି ଦିଦି ଅଭିଯାନ୍ ଜରିଏ ମହିଳାମାନ୍‌କୁ ଆତ୍ମବିଶ୍ୱାସୀ, ଉଦ୍ୟୋଗୀ କର୍‌ବା ବଲି କାର୍ଯ୍ୟକ୍ରମ୍ ବାବ୍‌ଦେ ସୂଚ୍‌ନା ଦେଇକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା ସୁଭଦ୍ରା ଶକ୍ତି ମେଲା ଲାଗି ମାସ୍‌କଟ୍ ସୁଭଦ୍ରା ଦିଦିକେ ଉଦ୍‌ଘାଟନ୍ କରିଛନ୍ । ଇ ମେଲା ଆଏବା ୧୨ ତାରିଖ୍‌ତକ୍ ଚାଲ୍‌ବା ।

ଯୁକ୍ତ ଦୁଇ- ବାର୍ଷିକ ପରୀକ୍ଷା ଫର୍ମପୂରଣ୍          ହି.ସ.

ଯୁକ୍ତ ଦୁଇ ପାଠ୍‌ପଢ଼ାର ବାର୍ଷିକ ପରୀକ୍ଷା ଫର୍ମ ପୂରଣ୍ ସମିଆକେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ନଭେମ୍ବର୍ ୩ ତାରିଖ୍‌ତକ୍ ବଢ଼ାଯାଇଛେ । ଉଚ୍ଚଶିକ୍ଷା ବିଭାଗ୍‌ର ବିଜ୍ଞପ୍ତି ଅନ୍‌ସାରେ ବାତ୍ୟା ମୋନ୍ଥା ଲାଗି ପରୀକ୍ଷା ଫର୍ମ ପୂରଣ୍ ସମିଆ ବଢ଼ାବାରକେ କେତେଟା ବିଦ୍ୟାଳୟ ଆଉ ଛାତ୍ରଛାତ୍ରୀମାନ୍‌କର୍ ଅଭିଭାବକ୍‌ମାନ୍‌କର୍ ଠାନୁ ଅନୁରୋଧ୍ ଆସିଛେ । ଇ ଅନୁରୋଧ୍ ଉତ୍‌ରୁ କର୍ତ୍ତୃପକ୍ଷ ସମିଆ ବଢ଼ାବାର୍ ନିଷ୍ପତି ନେଇଥିବାର୍ ସୂଚ୍‌ନା ଦେଇଛନ୍ ।

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ ଜୟନ୍ତୀ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ଆଘର୍ ଉପପ୍ରଧାନ୍‌ମନ୍ତ୍ରୀ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀ ଅବ୍‌ସରେ ଆଏବା ୩୧ ତାରିଖ୍ ଦିନ ସାରା ଦେଶେ ରାଷ୍ଟ୍ରୀୟ ଏକତା ଦିବସ୍ ପାଲନ୍ କରାଯିବା । ଇ ଅବ୍‌ସରେ ସାରା ଦେଶେ ଏକତା ଲାଗି ଗଣଦୌଡ଼ ଭିଲ୍ ଆୟୋଜନ୍ କରାଯାଉଛେ । ଗୁଜୁରାଟ୍‌ର ନର୍ମଦା ଜିଲ୍ଲାର୍  ଏକତା ନଗର୍ ଠାନେ ଥିବା ଷ୍ଟଚ୍ୟୁ ଅଫ୍ ୟୁନିଟି ଠାନେ ସର୍ଦ୍ଦାର୍ ବଲ୍ଲଭ ଭାଇ ପଟେଲ୍‌ଙ୍କର୍ ଜାତୀୟ ଜୟନ୍ତୀ ସମାରୋହ ହେବା । ଇ

ଅବ୍‌ସରେ ଗୁଟେ ଭବ୍ୟ ପେରେଡ୍ ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । ପେରେଡ୍‌ଥି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ, ରାଜ୍ୟ ପୁଲିସ୍ ବାହିନୀ, ଆଉ ଏନ୍‌ସିସି ସହେତେ ଭିନ୍ ଭିନ୍ ରାଜ୍ୟର୍ ପୁଲିସ୍ ବାହିନୀ ଯୋଗ୍ ଦେବେ ।

ପାତାଳି ଶ୍ରୀକ୍ଷେତ୍ର-ଅମୃତ ମଣୋହୀ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ପାତାଳି ଶ୍ରୀକ୍ଷେତ୍ର ନ କାର୍ତିକ୍ ମାସର୍ ଉଜଲ୍ ପଖର୍ ସପ୍ତମୀ ତିଥି ଅବ୍‌ସରେ ଆଏଜ୍ ମାହାପୁରୁମାନ୍‌କର୍ ଠାନେ ଅମୃତ ମଣୋହୀ ଭୋଗ ଲଗାଯାଇଛେ ଶ୍ରୀମନ୍ଦିର୍ ପରମ୍ପରା ଆଉ ରୀତିନୀତି ଅନ୍‌ସାରେ ମଧ୍ୟାହ୍ନ ଧୂପ ଉତ୍‌ରୁ ତ୍ରିଆଳତୀ ସଙ୍ଗେ ୫୬ ପ୍ରକାରର୍ ଦିବ୍ୟ ଭୋଗ ମାହାପୁରୁମାନ୍‌କୁ ଅର୍ପଣ୍ କରାଯାଇଥିଲା । ମାହାପୁରୁମାନ୍‌କୁ ଦର୍ଶନ୍ କର୍‌ବାର୍ ଲାଗି ଆଏଜ୍ ପାତାଳି ଶ୍ରୀକ୍ଷେତ୍ର ନ ହଜାର୍ ହଜାର୍ ଭକ୍ତଙ୍କର୍ ଭିଡ୍ ଲାଗିଛେ ।

ଆଂଚଲିକ୍ ବିଜ୍ଞାନ୍ ନାଟକ ପ୍ରତିଯୋଗିତା ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ସହରର୍ ଟାଉନ୍ ହଲ୍ ଠାନେ ଆଂଚଲିକ୍ ବିଜ୍ଞାନ୍ ନାଟକ ପ୍ରତିଯୋଗିତା

ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର୍‌ଙ୍କର୍ ସଭାପତିତ୍ୱ ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଆରକ୍ଷୀ ଅଧିକ୍ଷକ୍ ଅନୀଲ୍ କୁମାର୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଫି’ ଦିନିଆ ଜୀବନ୍‌ଥି ବିଜ୍ଞାନ୍‌ର ଭୂମିକା ରହିଛେ ଆଉ ଆଗ୍‌କେ ବଢ଼୍‌ବାର୍‌କେ ହେଲେ ବିଜ୍ଞାନ୍ ସଙ୍ଗେ ତାଲେ ଦେଇକରି ଆଗ୍‌କେ ବଢ଼୍‌ବାର୍‌କେ ହେବା ବଲି ଅତିଥିମାନେ କହିଛନ୍ । କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍, ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଜିଲ୍ଲା ନ ହେଇଥିବା ପ୍ରତିଯୋଗିତାଥି ପହେଲା ଠାନେ ରହିଥିବା ୬ ଟା ଦଲ୍ ଇ ନାଟକ୍ ପ୍ରତିଯୋଗିତାଥି ଭାଗ୍ ନେଇଛନ୍ ।

ସଡ଼କ୍ ସୁରକ୍ଷା କମିଟି ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ସଡ଼କ୍ ସୁରକ୍ଷା କମିଟି ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍‌ଥି ଦୁର୍ଘଟଣା ରୁକ୍‌ବାର୍ ଦିଗେ ନିଆଯାଉଥିବା ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ସମୀକ୍ଷା ଆଉ ସଚେତନତା ପଦକ୍ଷେପ୍ ନିଆଯାଉଥିଲେ ଭିଲ୍ ଦୁର୍ଘଟଣା ସଂଖ୍ୟା ବଢୁଥିବାର୍‌ନୁ ଜିଲ୍ଲାପାଲ୍ ଚିନ୍ତା ପ୍ରକାଶ୍ କରିଛନ୍ । ଜାତୀୟ ରାଜପଥ ବିଭାଗ୍ ତର୍‌ଫୁ ଜହ ଦୁର୍ଘଟଣା ଘଟୁଥିବା ଠାନ୍ ମାନ୍‌କେ ସୂଚନାଫଳକ ଲଗାବାର୍ ସହେତେ

ସମିଆ ଜାନି ରାସ୍ତା ମରାମତି କର୍‌ବାର୍ ଲାଗି ଇ ଅବ୍‌ସରେ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ଜୋର୍ ଦେଇଛନ୍ ।

ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ସଦର୍ ଠାନେ ଆଏଜ୍ ଜିଲ୍ଲା ପ୍ରଶାସନ୍ ଆଉ ଦୁର୍ନୀତି ନିବାରଣ୍ ବିଭାଗ୍ ତର୍‌ଫୁ ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ -୨୦୨୫ ପାଲନ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀଙ୍କର୍ କାର୍ଯ୍ୟାଲୟ ଠାନୁ ଆରକ୍ଷୀ ଅଧିକ୍ଷକଙ୍କର୍ କାର୍ଯ୍ୟାଲୟ ତକ୍ ଗୁଟେ ସଚେତନତା ଶୋଭାଯାତ୍ରା ଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ମଧୁଛନ୍ଦା ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶୋଭାଯାତ୍ରାର୍ ଶୁଭାରମ୍ଭ କରିଥିଲେ । ଇ ଅବ୍‌ସରେ ଦୁର୍ନୀତି ବିରୋଧିଥି ସ୍ଲୋଗାନ୍ ଦିଆଯିବାର୍ ସହେତେ ଦୁର୍ନୀତି ନିବାରଣ୍ ଲାଗି ଲୁକ୍‌କୁ ସଚେତନ୍ କରାଯାଇଥିଲା ।

ବିଶ୍ୱ ମସ୍ତିଷ୍କାଘାତ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମସ୍ତିଷ୍କାଘାତ୍‌ର ଲକ୍ଷଣ୍‌ ଆଉ ଜରୁରୀ ଯତନ୍‌ର ଆବଶ୍ୟକତା ବାବ୍‌ଦେ ଲୁକ୍‌କୁ ସଚେତନ୍‌ କର୍‌ବାର୍‌ ଲାଗି ଆଏଜ୍‌ ବିଶ୍ୱ ମସ୍ତିଷ୍କାଘାତ ଦିବସ୍‌ ପାଲନ୍‌ କରାଯାଉଛେ । ମିସ୍ତଷ୍କାଘାତ ଆଉ ଷ୍ଟ୍ରୋକ୍‌, ଇତାର୍‌ ପ୍ରତିରୋଧ୍‌ ଆଉ ଇଥୁ ରକ୍ଷା ପାଇଥିବା ଲୁକ୍‌କର୍‌ ଯତନ୍‌ ଆଉ ସାହାଜ୍‌ ଯୁଗେଇ ଦେବାର୍‌ ଟା ଇ ଦିବସ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ଇ ବଛର୍‌ ବିଶ୍ୱ ମସ୍ତିଷ୍କାଘାତ ଦିବସ୍‌ର ବାର୍ତା ହେଉଛେ 'ଫି' ମିନିଟ୍‌କେ ଗନ୍‌ମା' ।

୧୯୯୯ -ମହାବାତ୍ୟା ଆର୍‌ଏନ୍‌ୟୁ/ ସମ୍ବଲପୁର

୧୯୯୯ ମସିହା ଅକ୍ଟୋବର୍‌ ୨୯ ତାରିଖ୍‌ ଓଡ଼ିଶା ସମୁଦ୍ର ଖଁଡ଼ି ନ ପ୍ରଳୟଙ୍କରୀ ମହାବାତ୍ୟା ରାଏଜେ ବିପର୍ଯ୍ୟୟ ଆନିଥିଲା । ଜଗତ୍‌ସିଂହପୁର୍‌ ଜିଲ୍ଲା ନ ଏର୍‌ସମା ଆଉ ପାରାଦ୍ୱୀପ୍‌, ପୁରୀ, କଟକ୍‌ ସହେତେ କେନ୍ଦ୍ରାପଡ଼ା ଜିଲ୍ଲା ମହାବାତ୍ୟାଥି ବହୁତ୍‌ ନୁକ୍‌ସାନ୍‌ ହେଇଥିଲା । ଆଏଜ୍‌ ଇ ମହାବାତ୍ୟାକେ ୨୬ ବଛର୍‌ ପୁରିଛେ । ବାତ୍ୟା ଆଘୋନୁ ନିଜ୍‌କେ ତୟାର୍‌ ରଖିବାର୍‌ ଲାଗି ଆଉ ଇ ଦିନ୍‌କେ ସୋର୍‌ କର୍‌ବାର୍‌ ଲାଗି ରାଜ୍ୟ ସର୍‌କାର୍‌ ଅକ୍ଟୋବର୍‌ ୨୯ ତାରିଖ୍‌କେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ୍‌ ଭାବେ ପାଳନ୍‌ କରୁଛନ୍‌ ।